# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 May – 2025**

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ହେବ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୨ତମ ସଂସ୍କରଣ। ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍, ପି.ଏମ୍.ଓ ଏବଂ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ୟୁଟ୍ୟୁବ ଚ୍ୟାନେଲରେ ଏହି କାର୍ଯ୍ୟକ୍ରମ ସିଧା ପ୍ରସାରଣ କରାଯିବ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ।

## ମୁଖ୍ୟମନ୍ତ୍ରୀ-ପ୍ରଧାନମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ୨୦୩୬ ସମୃଦ୍ଧ ଓଡିଶା ଅଭିଯାନ ତଥା ଅନ୍ୟାନ୍ୟ ପ୍ରସଙ୍ଗ ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ସାକ୍ଷାତ ଆଲୋଚନା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ-ପୁରୀ

ବିକଶିତ କୃଷି ସଂକଳ୍ପ ଅଭିଯାନ ଶୀର୍ଷକ ଏକ ଜାତୀୟ କାର୍ଯ୍ୟକ୍ରମ ଆସନ୍ତା ୨୯ତାରିଖରେ ପୁରୀଠାରେ ଶୁଭାରମ୍ଭ କରାଯିବ ବୋଲି କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ କହିଛନ୍ତି। ଦେଶର ୭୦୦ଟି ଜିଲ୍ଲାରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କୃଷି ବିଶେଷଜ୍ଞ ଓ ବୈଜ୍ଞାନିକଙ୍କୁ ନେଇ ଗଠିତ ଦଳ ବିଭିନ୍ନ ଗ୍ରାମକୁ ଗସ୍ତ କରି ଚାଷୀଙ୍କ ସହ ଆଲୋଚନା କରିବେ ବୋଲି ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି କୃଷି ବୈଜ୍ଞାନିକଙ୍କ ଏକ ସମ୍ମିଳନୀକୁ ସମ୍ବୋଧନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ଏହା କହିଛନ୍ତି ।

## ରାଜ୍ୟପାଳ

ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଏବଂ ଗ୍ଲୋବାଲ ଇକୋସିଷ୍ଟମ ପାଇଁ ଯୁବପିଢି ନିଜକୁ ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପରାମର୍ଶ ଦେଇଛନ୍ତି । ଭୁବନେଶ୍ୱରଠାରେ ଗତକାଲି ଏକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ପରିବର୍ତ୍ତନଶୀଳ ପରିସ୍ଥିତିରେ ଶିକ୍ଷା  ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଜାତୀୟ ଶିକ୍ଷାନୀତି-୨୦୨୦ ଏହି ଆହ୍ୱାନଗୁଡିକୁ ମୁକାବିଲା କରିବାରେ ଉପଯୋଗୀ ହୋଇପାରିବ ବୋଲି ରାଜ୍ୟପାଳ କହିଛନ୍ତି । ବିକଶିତ ଭାରତ ଏବଂ ସମୃଦ୍ଧ ଓଡିଶା ସ୍ୱପ୍ନକୁ ସାକାର କରିବାରେ ଯୁବପିଢିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ।

# କ୍ରୀଡାମନ୍ତ୍ରୀ-ପ୍ରଶିକ୍ଷଣ କେନ୍ଦ୍ର

ରାଜ୍ୟର କ୍ରୀଡାବିତ୍‌ଙ୍କୁ ବିଶ୍ୱସ୍ତରକୁ ଉନ୍ନୀତ କରିବା ଏବଂ ପ୍ରତି ବ୍ଲକରେ କ୍ରୀଡା ଭିତ୍ତିଭୂମିକୁ ଉନ୍ନତ କରିବା ଲକ୍ଷ୍ୟ ନେଇ ସରକାର  କାର୍ଯ୍ୟ କରୁଛନ୍ତି ବୋଲି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଭୁବନେଶ୍ୱରଠାରେ ଗତକାଲି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ତୃଣମୂଳ ସ୍ତରରେ କ୍ରୀଡା ପ୍ରତିଭାର ବିକାଶକୁ ଦୃଷ୍ଟିରେ ରଖି ସିଏମ୍ ଟ୍ରଫି ଫୁଟବଲ ଚାମ୍ପିୟନଶିପ୍‌ର ଆୟୋଜନ କରାଯାଇଛି । ବ୍ଲକ ସ୍ତରରେ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିବା ସହ ମନ୍ତ୍ରୀ ଶ୍ରୀ ସୂରଜ ଉପଯୁକ୍ତ ପ୍ରଶିକ୍ଷଣ, କ୍ରୀଡା ପ୍ରତିଭା ଚୟନ ଏବଂ କ୍ରୀଡା କ୍ଷେତ୍ରର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ ।

# ଧର୍ମେନ୍ଦ୍ର ପ୍ରଧାନ-ଆମ୍ବ ପସରା

ସମ୍ବଲପୁର ଜିଲ୍ଲାରେ ଧାନଚାଷ ସହ ଆଗାମୀ ଦିନରେ ଦୁଗ୍ଧ, ମାଛ, ଫୁଲଫଳ ଚାଷ ବୃଦ୍ଧି କରିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଜେଲ୍ ଛକଠାରେ ଆମ୍ବ ପସରା ବଜାର କେନ୍ଦ୍ରକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଏଭଳି ପଦକ୍ଷେପ ଗ୍ରାମାଞ୍ଚଳର ଅର୍ଥନୀତିକୁ ତ୍ୱରାନ୍ୱିତ କରିବ । **V/O**

ଏହି ଅବସରରେ ବିଦେଶକୁ ରପ୍ତାନୀ ହେବାକୁ ଥିବା ଆମ୍ବ ବୋଝେଇ ଗାଡିର ସେ ଶୁଭାରମ୍ଭ କରିଥିଲେ ।

# ଜଳାଶୟ ପରିଚାଳନା

ଭୁବନେଶ୍ୱର ଜଳାଶୟ ଗୁଡିକର ସ୍ଥାୟୀ ପରିଚାଳନାକୁ ସୁଦୃଢ କରିବା ଉପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ ଗୁରୁତ୍ୱାରୋପ କରିଛନ୍ତି । ଜଳ ପରିଚାଳନା ସମେତ ଜବରଦଖଲ ଉଚ୍ଛେଦ ଏବଂ ଜଳାଶୟ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରରେ ଗଙ୍ଗୁଆ ନାଳ ଏବଂ ଦୟା-ପଶ୍ଚିମ କେନାଲ ପରିଦର୍ଶନ କରିବା ଅବସରରେ ପ୍ରମୁଖ ସଚିବ ଶ୍ରୀମତୀ ପାଢୀ ଏହା କହିଛନ୍ତି । ଜଳ ନିଷ୍କାସନ ସ୍ଥିତି ନେଇ ମଧ୍ୟ ସେ ସମୀକ୍ଷା କରିଛନ୍ତି ।

# ଆନ୍ତର୍ଜାତିକ ସମ୍ମିଳନୀ

ଓଡିଶା ଏବଂ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରଗୁଡିକ ମଧ୍ୟରେ ରହିଥିବା ସାମାଜିକ, ସାହିତ୍ୟିକ, ସାଂସ୍କୃତିକ ଓ ସଭ୍ୟତାଗତ ସାମଞ୍ଜସ୍ୟକୁ ନେଇ ଏକ ଆନ୍ତର୍ଜାତିକ ସମ୍ମିଳନୀ ଗତକାଲି ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି । ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର,ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂହ, ପ୍ରଫେସର ସବିତା ଆଚାର୍ଯ୍ୟ ଏବଂ ପ୍ରଫେସର ପତିତପାବନ ମିଶ୍ର ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଓଡିଶା କଳା ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ ।

## କୃଷି ସମୀକ୍ଷା ବୈଠକ

ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ କୃଷି ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଛି । ସରକାରଙ୍କ କୃଷକ କଲ୍ୟାଣ ଯୋଜନାଗୁଡିକର କାର୍ଯ୍ୟକାରିତା ନେଇ ବୈଠକରେ ଜିଲ୍ଲାପାଳ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ସହ ମତ ବିନିମୟ କରିଛନ୍ତି । ସମନ୍ୱିତ କୃଷି ଉପରେ ଗୁରୁତ୍ୱପ୍ରଦାନ କରାଗଲେ କୃଷିଜୀବୀ ଅଧିକ ଉପକୃତ ହୋଇପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ଦାସ କହିଛନ୍ତି ।

## ପାଣିପାଗ

ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ହୋଇଛି । ବିଭିନ୍ନ ଅଞ୍ଚଳରେ ଗତକାଲି ଘଡଘଡି ସହ ବର୍ଷା ହେବା ସହ ମୌସୁମୀର ଆଗମନ ନେଇ ପାଗ ଅନୁକୂଳ ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି । ସୂଚନାଯୋଗ୍ୟ, ନିର୍ଦ୍ଧାରିତ ସମୟର ୮ଦିନ ପୂର୍ବରୁ ଗତକାଲି ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ କେରଳ ସ୍ପର୍ଶ କରିଛି ।